# ପୂର୍ଣ୍ଣାଙ୍ଗ ଶିକ୍ଷା

ପୂର୍ଣ୍ଣାଙ୍ଗ ଶିକ୍ଷାର ଉଦ୍ଦେଶ୍ୟ ହେଲା ଜୀବନର ପୂର୍ଣ୍ଣତା, ମନ-ପ୍ରାଣ-ଶରୀର ସହିତ ଆତ୍ମାର ବିକାଶ ।

ଉପସ୍ଥିତ ମନୁଷ୍ୟଜୀବନ ଅପୂର୍ଣ୍ଣ । ତା'ର ମନ-ପ୍ରାଣ-ଶରୀରର ବିକାଶ ହୋଇଅଛି, ଆତ୍ମାର ବିକାଶ ହୋଇ ନାହିଁ । ଆତ୍ମାର ବିକାଶ ନ ହୋଇଥିବାରୁ ସେ ଚାହୁଁଥିବା ଜ୍ଞାନ, ଆନନ୍ଦ, ସୁଖଶାନ୍ତି ପାଇ ପାରୁ ନାହିଁ କିଂବା ଜୀବନର ଲକ୍ଷ୍ୟ ବା ଜୀବନର ପୂର୍ଣ୍ଣତା ସମ୍ବନ୍ଧେ ସଚେତ ହୋଇ ପାରୁ ନାହିଁ । କିନ୍ତୁ ତା' ମଧ୍ୟରେ ଅବିକଶିତ ରୂପେ ଆତ୍ମା ଉପସ୍ଥିତ ଥିବାରୁ ସେ ଜୀବନର ଲକ୍ଷ୍ୟ ବା ଜୀବନର ପୂର୍ଣ୍ଣତା ଆଡ଼କୁ ଅସ୍ପଷ୍ଟ, ଅଜ୍ଞାତ ଓ ଅଚେତରୂପେ ଯାତ୍ରା କରୁଅଛି । କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ହେବାରୁ ଆତ୍ମବିକାଶ ହେବାର ସମୟ ଉପସ୍ଥିତ ହୋଇଅଛି । ସେହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ରୂପାନ୍ତରକାରିଣୀ ଅତିମାନସ ପରାର୍ଦ୍ଧ ଦିବ୍ୟ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଅଛନ୍ତି । ସେହି ଶକ୍ତି ପ୍ରତି ବ୍ୟକ୍ତି ଉନ୍ମୁକ୍ତ ହେଲେ ତା'ର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନତାରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ । ପ୍ରଥମରେ ଏହି ସତ୍ୟ ସମ୍ବନ୍ଧେ କେତେକ ବ୍ୟକ୍ତି ଜାଣିବେ, ତା' ମଧ୍ୟରୁ କେତେକ ବ୍ୟକ୍ତି ଗ୍ରହଣ କରିବେ ଏବଂ ପରିଚାଳିତ ହେବେ । ତା' ମଧ୍ୟରୁ କେତେକ ବ୍ୟକ୍ତିଙ୍କର ମନ-ପ୍ରାଣ-ଶରୀର ଆତ୍ମାର ଗୁଣଧର୍ମରେ ରୂପାନ୍ତରିତ ହେବାକୁ ଲାଗିବ । ଅଳ୍ପ କେତେକ ବ୍ୟକ୍ତିଙ୍କର ଏହି ରୂପାନ୍ତର ପୂର୍ଣ୍ଣ ହେଲେ ସେହିମାନେ ହେବେ ଅତିମାନବ । ସଂସାର ପରିଣତ ହେବ ସ୍ୱର୍ଗରେ । ଅର୍ଥାତ୍, ବ୍ୟକ୍ତି, ପରିବାର, ସମାଜ ତଥା ଶାସନରୁ ଅହଂ, ସ୍ୱାର୍ଥ, ମିଥ୍ୟାଚାର, ଅସତ୍ୟ, ଅନ୍ୟାୟ, ଲାଞ୍ଚ, ମିଛ ଇତ୍ୟାଦି ଦୂର ହେବ ଏବଂ ଦେଶ ସମୃଦ୍ଧିଶାଳୀ ହେବ । ଜଣେ ବ୍ୟକ୍ତି ବି ଦରିଦ୍ର ହୋଇ ରହିବ ନାହିଁ । ଝଡ଼ତୋଫାନ, ଅକାଳମୃତ୍ୟୁ ହେବ ନାହିଁ । ପରିବାରରେ କଳହ, ଗ୍ରାମରେ ବିବାଦ, ରାଜନୀତିରେ ଦଳଗତ ସ୍ୱାର୍ଥ, ଦେଶ ଦେଶ ମଧ୍ୟରେ ଯୁଦ୍ଧ ଆଦି ରହିବ ନାହିଁ । ଏହା ହେବ ସାଧନା ନ କରୁଥିବା, ରୂପାନ୍ତର ନ ହୋଇଥିବା ବ୍ୟକ୍ତି, ସମାଜ ତଥା ଦେଶରେ ।

ବର୍ତ୍ତମାନ ବ୍ୟକ୍ତି, ପରିବାର, ସମାଜ, ଶାସନ ତଥା ଦେଶ ଏବଂ ବିଦେଶ, ସମସ୍ତ ସଂସାରରେ ଯେଉଁ ବିଶୃଙ୍ଖଳା, କପଟ, ଛଳ, ହିଂସା, ଦ୍ୱେଷ, ସ୍ୱାର୍ଥ, ଅହଂ ଆଦି କ୍ରିୟାଶୀଳ ହୋଇଛି, ଯାହାଦ୍ୱାରା ଦରିଦ୍ର ଦେଶ ତଥା ମହାନ୍ ଧନଶାଳୀ ଦେଶ ବି ଅଶାନ୍ତିରେ ଅଣନିଃଶ୍ୱାସୀ ହୋଇଯାଇଛନ୍ତି, ଜୀବନ ଦୁର୍ବିଷହ ହୋଇପଡ଼ିଛି । ଏହି ସଂକଟରୁ ଉଦ୍ଧାର ହେବାର ଅନ୍ୟ କୌଣସି ମାର୍ଗ ନାହିଁ । ବ୍ୟକ୍ତି ବ୍ୟକ୍ତିକୁ, ସମାଜ ଶାସନକୁ, ଏକ ଦଳ ଅନ୍ୟ ଦଳକୁ କେବଳ ଦୋଷାରୋପ କରୁଛନ୍ତି । ସମସ୍ୟାର ସମାଧାନ ଅଭେଦ୍ୟ ଦୁର୍ଗରୂପେ ସମସ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି ।

ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ ଯୋଗୁଁ ଏହି ସମସ୍ୟା ସମ୍ମୁଖକୁ ଆସିଅଛି । କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ହେବାରୁ ମନ ଦ୍ୱାରା ନିର୍ଦ୍ଧାରିତ ନୈତିକତା ସଂପୂର୍ଣ୍ଣରୂପେ ଭାଙ୍ଗି ଯାଇଅଛି । ସେହି କାରଣରୁ ମନୁଷ୍ୟ ମଧ୍ୟରେ କେତେକ ପରିମାଣରେ ଦବି ରହିଥିବା ଅହଂ ସ୍ୱାର୍ଥାଦି ଅସତ୍ୟ, ଅନ୍ୟାୟ, ଅନ୍ଧକାର ଶକ୍ତିର ଗୁଣଧର୍ମ ମୁକ୍ତରୂପେ କ୍ରିୟାଶୀଳ ହୋଇଅଛି । ଏହାହିଁ ବିଶୃଙ୍ଖଳା ତଥା ଅନ୍ୟାୟ, ଅସତ୍ୟ, ଦୁର୍ନୀତିର କାରଣ । ଏହା ଦୂର କରିବାକୁ ଦେଶନେତାମାନେ ବୁଦ୍ଧିବିଚାର ଦ୍ୱାରା ଯେତେ ପ୍ରକାର ଉପାୟ ପ୍ରୟୋଗ କରୁଛନ୍ତି ତାହା ସବୁ ବ୍ୟର୍ଥରେ ପରିଣତ ହେଉଅଛି । ଏହା ସମାଧାନ ହେବ ଅତିମାନସ ସତ୍ୟଯୁଗର ସତ୍ୟକୁ ଗ୍ରହଣ କରିବା ଦ୍ୱାରା, ଯେଉଁ ନୂତନ ଯୁଗର ଅତିମାନସ ସତ୍ୟକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି । ସେହି ସତ୍ୟକୁ ଯେତେ ଅଧିକ ବ୍ୟକ୍ତି ଜାଣିବେ, ଗ୍ରହଣ କରିବେ, ଆଚରଣ କରିବେ, ସେହି ଅନୁପାତରେ ବ୍ୟକ୍ତି ମଧ୍ୟରୁ, ପରିବାର, ସମାଜ, ଶାସନରୁ ଦୁର୍ନୀତି କ୍ରମଶଃ ଦୂର ହେବ । ଯେତେବେଳେ କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେବ ସେତେବେଳେ ଅଜ୍ଞାନ ଶକ୍ତି ଦ୍ୱାରା ଶାସିତ ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ଏହି ସତ୍ୟ କ୍ରିୟାଶୀଳ ହେବ ସାଧକମାନଙ୍କ ଗୋଷ୍ଠୀର ବା ସାଧନାଳୟ ଓ ଶିକ୍ଷାକେନ୍ଦ୍ର ମାଧ୍ୟମରେ ।

## ଶିକ୍ଷା

ଜୀବନ ନିର୍ମାଣ ହୁଏ ଶିକ୍ଷା ଦ୍ୱାରା । ଶିଶୁ ଗର୍ଭସ୍ଥ ହେବା ସମୟରେ ପିତାମାତାଙ୍କ ମନୋଭାବ ଯେପରି ଥାଏ ସେହି ଅନୁସାରେ ତା'ର ସଂସ୍କାରର ଭିତ୍ତି ସ୍ଥାପିତ ହୁଏ । ସେ ଗର୍ଭରେ ଥିବା ସମୟରୁ ତା'ର ଶିକ୍ଷାରମ୍ଭ ହୁଏ ମା'ର ଆଚରଣ ଅନୁସାରେ । ସେ ଭୂମିଷ୍ଠ ହେବା ପରେ ମା'ର ଆଚରଣ ପ୍ରଭାବ ସହିତ ପରିବାର ତଥା ପାରିପାର୍ଶ୍ୱିକ ବାତାବରଣର ପ୍ରଭାବ ପଡ଼େ ତା' ଉପରେ । ସ୍କୁଲ ଶିକ୍ଷା ତଥା ସ୍କୁଲ ବାତାବରଣର ପ୍ରଭାବରେ ଶିଶୁର ଚରିତ୍ର ଗଠନ ହୁଏ । ଶିଶୁର ପୂର୍ବଜନ୍ମର ପ୍ରବଳ ଉତ୍ତମ ସଂସ୍କାର ଥିଲେ ବାଲ୍ୟାବସ୍ଥାର ପ୍ରତିକୂଳ ବାତାବରଣ ଅଧିକ କ୍ଷତି କରିପାରେ ନାହିଁ । କିନ୍ତୁ କିଛି ପରିମାଣରେ ପଛକୁ ଟାଣିଆଣେ । ଯେଉଁ ଶିଶୁମାନଙ୍କର ପୂର୍ବଜନ୍ମର ପ୍ରବଳ ଉତ୍ତମ ସଂସ୍କାର ନ ଥାଏ ସେମାନଙ୍କର ଉତ୍ତମ ଚରିତ୍ରର ଭିତ୍ତି ସ୍ଥାପନ ହୋଇପାରେ ନାହିଁ । ଏହି ରହସ୍ୟ ପିତାମାତା ଏବଂ ସ୍କୁଲ ଶିକ୍ଷକ ବୁଝନ୍ତି ନାହିଁ । ସ୍ୱୟଂ ଉତ୍ତମ ଆଚରଣ ନ କରି ଶିଶୁମାନଙ୍କୁ ପ୍ରତିକୂଳ କର୍ମରୁ ନିବୃତ୍ତ କରାଇ ଉତ୍ତମ ଗୁଣବାନ୍ ହେବା ସକାଶେ ଆଖି ଦେଖାନ୍ତି, ଧମକ ଦିଅନ୍ତି, ଭୟ ଦେଖାନ୍ତି, ଗାଳି ଦିଅନ୍ତି; ସ୍କୁଲରେ ଶିକ୍ଷକମାନେ ପିଟନ୍ତି । ଏହା ଫଳରେ ଶିଶୁ ମଧ୍ୟରେ ଭୟ ପ୍ରବେଶ କରେ । ତା'ର ଅବିକଶିତ ସତ୍ତା ବିକାଶ ହେବାରେ ବାଧାପ୍ରାପ୍ତ ହୁଏ । ପ୍ରତିକ୍ରିୟାସ୍ୱରୂପ ତା' ମଧ୍ୟରେ ହିଂସା, ସ୍ୱାର୍ଥ, ଈର୍ଷାଦି ପ୍ରତିକୂଳ ଗୁଣ ବଢ଼ିବାକୁ ଲାଗେ । ଶିଶୁଜୀବନହିଁ କଞ୍ଚା ମାଟି ସଦୃଶ । କଞ୍ଚା ମାଟିକୁ ଯେକୌଣସି ଆକାର ଦିଆଯାଇ ପାରେ । କିନ୍ତୁ ସେହି ଆକାର ବା ପାତ୍ରକୁ ପୋଡ଼ି ଦେବା ପରେ ତା'ର ନମନୀୟତା କଠୋରତାରେ ପରିଣତ ହୋଇଯାଏ । ସେହିପରି ଶିଶୁ । ଶିଶୁ ଅବସ୍ଥାରେ ଯେପରି ଶିକ୍ଷା ଦିଆଯାଏ ତା'ର ସଂସ୍କାର, ଚରିତ୍ର, ଆଚରଣ, ବ୍ୟବହାର ସେହିପରି ହୁଏ । ନିଜ ଶିଶୁକୁ ଉତ୍ତମ ଚରିତ୍ରବାନ୍ କରିବାକୁ ହେଲେ ପିତାମାତା ଉତ୍ତମ ଆଚରଣ କରିବା ତଥା ସ୍କୁଲ ଶିକ୍ଷକମାନେ ମଧ୍ୟ ଉତ୍ତମ ଆଚରଣ କରିବା ଉଚିତ ଯଦ୍ୱାରା ସନ୍ତାନ ତଥା ଛାତ୍ରମାନଙ୍କର ଉନ୍ନତି ସଙ୍ଗେ ସଙ୍ଗେ ପିତାମାତା ତଥା ଶିକ୍ଷକଙ୍କର ବି ଯଥାର୍ଥ ଶିକ୍ଷା ହେବ । ଏହା ହୋଇପାରିବ ସେମାନେ ନୂତନ ଅତିମାନସ ଯୁଗର ଅତିମାନସ ସତ୍ୟ ଗ୍ରହଣ ତଥା ତା'ରି ଅନୁସାରେ ଆଚରଣ କଲେ । ସଂସାରର ଉନ୍ନତିରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକମାନେ ଅଧ୍ୟାତ୍ମ ଭିତ୍ତିରେ କର୍ମ ନ କଲେ ସେମାନେ ଯଥାର୍ଥ ଶିକ୍ଷା ଦେଇ ପାରିବେ ନାହିଁ । ପିତାମାତା ତଥା ଶିକ୍ଷକମାନେ ଉତ୍ତମ ଆଚରଣ ନ କରି ସନ୍ତାନ ବା ଛାତ୍ରଛାତ୍ରୀମାନଙ୍କଠାରୁ ଉତ୍ତମ ଗୁଣ ଆଶା କଲେ ତାହା ବ୍ୟର୍ଥତାରେ ପରିଣତ ହୁଏ । ଏହାର ପ୍ରତ୍ୟକ୍ଷ ପ୍ରମାଣ ଜଗତ୍ ସମ୍ମୁଖରେ ରହିଅଛି ।

ଏଠାରେ ଗୋଟିଏ ଗଳ୍ପର ଉଦାହରଣ ଦେବା :

ପୂର୍ବେ ପାଠଶାଳାରେ ଶିକ୍ଷା ଦିଆ ହେଉଥିଲା । ଜଣେ ଛାତ୍ରର ପିତା ମାଷ୍ଟରକୁ କହିଲା, ''ମୋ ପୁଅ ଗୁଡ଼ ଖାଉଅଛି । ପରିଣାମରେ କାଛୁକୁଣ୍ଡିଆ ଭୋଗୁଅଛି । ମୁଁ ମନା କରିବା ସତ୍ତ୍ୱେ ସେ ଗୁଡ଼ ଖାଇବା ଛାଡୁ ନାହିଁ ।'' ମାଷ୍ଟର ଶୁଣି ଚୁପ୍ ରହିଲେ । ଗୋଟିଏ ମାସ ବିତିଯବା ପରେ ସେହି ପିଲାକୁ ମାଷ୍ଟର କହିଲେ, ''ଗୁଡ଼ ଖାଇବା ବନ୍ଦ କରିବ, ଅଧିକ ମିଠା ଖାଇବା ଦ୍ୱାରା କାଛୁକୁଣ୍ଡିଆ ହୁଏ ।'' ସେହି ଦିନଠାରୁ ସେ ପିଲା ଗୁଡ଼ ଖାଇବା ବନ୍ଦ କରିଦେଲା । ପରେ ସେ ପିଲାର ପିତା ମାଷ୍ଟରଙ୍କ ପାଖକୁ ଆସି ପଚାରିଲେ, ''ମୁଁ ଏକ ମାସ ପୂର୍ବରୁ ଆପଣଙ୍କୁ ମୋ ପୁଅ କଥା କହିଥିଲି । କିନ୍ତୁ ସେ ସମୟରେ ଆପଣ କିଛି ଉତ୍ତର ଦେଇ ନ ଥିଲେ । ମାସକ ପରେ ଆପଣ ମନା କିରବାରୁ ମୋ ପୁଅ ଗୁଡ଼ ଖାଇବା ଛାଡ଼ି ଦେଇଛି । ସେତେବେଳେ କାହିଁକି ମନା କଲେ ନାହିଁ ?'' ମାଷ୍ଟର କହିଲେ, ''ସେ ସମୟରେ ମୁଁ ସ୍ୱୟଂ ଗୁଡ଼ ଖାଉଥିଲି । ସେ ସମୟରେ ମନା କରିଥିଲେ ତା'ର ପ୍ରଭାବ ପଡ଼ି ନ ଥା'ନ୍ତା । ସେ ସକାଶେ ମୁଁ ପ୍ରଥମରେ ଗୁଡ଼ ଖାଇବା ବନ୍ଦ କରି ପରେ ତୁମ ପୁଅକୁ ମନା କରବାରୁ ସେ ଗୁଡ଼ ଖାଇବା ଶୀଘ୍ର ଛାଡ଼ିଲା ।''

ଉପରେ ଦୁଇଟି ବିପରୀତ ଘଟଣା କୁହାହେଲା ।

ପ୍ରଥମଟି ହେଲା, ''ବ୍ୟକ୍ତି ତା'ର ଶିଶୁ ଅବସ୍ଥାରେ ଯେଉଁ ପ୍ରକାର ଶିକ୍ଷା ପାଇଥିବ, ବଡ଼ ହେବା ପରେ ତାହା ପୋଡ଼ା ହାଣ୍ଡି ସଦୃଶ ପରିବର୍ତ୍ତନ ହେବ ନାହିଁ ।''

ଅନ୍ୟଟି ହେଉଛି, ''ଶିଶୁକୁ ଉତ୍ତମ ଶିକ୍ଷା ଦେବା ସକାଶେ ପିତାମାତା ତଥା ଶିକ୍ଷକ ଉତ୍ତମ ଆଚରଣ କରିବା ଉଚିତ ।''

ପିତାମାତା ତଥା ଶିକ୍ଷକ ବାଲ୍ୟାବସ୍ଥାରୁ ଯଦି ଉତ୍ତମ ଆଚରଣ କରି ନ ଥିବେ ତେବେ ବର୍ତ୍ତମାନ ଶିଶୁ ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ସକାଶେ ଉତ୍ତମ ଆଚରଣ କରିବେ କିପରି ? ଏହି ସକାଶେ କରିପାରିବେ, ବର୍ତ୍ତମାନ ଅତିମାନସ ଶକ୍ତି କ୍ରିୟାଶୀଳ ହୋଇଅଛି । ପୁରାତନ କାଳରେ ସ୍ୱଭାବ ବା ସଂସ୍କାରର ପରିବର୍ତ୍ତନ ଅତ୍ୟନ୍ତ କଠିନ ଥିବାରୁ ପୁରାତନ ସମସ୍ତ ଯୋଗୀ ମନ-ପ୍ରାଣ-ଶରୀର ଛାଡ଼ି କେବଳ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରିଥିଲେ । ଯଥାର୍ଥରେ ଯେଉଁ କାର୍ଯ୍ୟ ଅଭ୍ୟାସରେ ପରିଣତ ହୋଇଯାଇଥାଏ, ତାହା ଛାଡ଼ିବାକୁ ବହୁତ କଠିନ ହୁଏ । ଯେପରି ପାନ, ବିଡ଼ି, ସିଗାରେଟ, ଗଞ୍ଜେଇ, ଅଫିମ, ମଦ୍ୟ ଇତ୍ୟାଦି । ବାଲ୍ୟାବସ୍ଥାର ଅଭ୍ୟାସ ଛାଡ଼ିବା ପୂର୍ବେ ଅସାଧ୍ୟ ଥିଲା । ବର୍ତ୍ତମାନ ନାହିଁ । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ଲାଭ କରି ସାରିଛି ।

ଯଦି ପିତାମାତା ତଥା ଶିକ୍ଷକମାନେ ଏହି ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇ ଚେଷ୍ଟା କରିବେ, ତେବେ ସେମାନଙ୍କର ବାଲ୍ୟାବସ୍ଥାରୁ ପରିଣତ ହୋଇଥିବା ସଂସ୍କାର ବା ସ୍ୱଭାବକୁ ଉତ୍ତମ ଗୁଣଧର୍ମରେ ରୂପାନ୍ତରିତ କରିପାରିବେ । ଯେଉଁ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସେ ଅଲଂଘନୀୟ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବ, ସେହି ଅତିମାନସ ଶକ୍ତି ସକାଶେ ମନୁଷ୍ୟର ସ୍ୱଭାବ ପରିବର୍ତ୍ତନ ଅସାଧ୍ୟ ହୋଇ ରହିବ ନାହିଁ । ଏହି କାରଣରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ ଯାହା ଦ୍ୱାରା ଛାତ୍ରଛାତ୍ରୀ ତଥା ସେମାନଙ୍କ ପିତାମାତା ଓ ଶିକ୍ଷକମାନେ ନିଜ ପ୍ରକୃତିକୁ ପରିବର୍ତ୍ତିତ କରିପାରିବେ ।

## ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ପୃଥିବୀରେ ଅତିମାନବ ଜାତି, ଅତିମାନସ ନୂତନ ଯୁଗ ପ୍ରତିଷ୍ଠା ହେବାର ଭିତ୍ତି ବା ଆଧାର ହେଉଛି ପାଠଚକ୍ର, ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆଶ୍ରମ ବା ସାଧନାଳୟ ପ୍ରତିଷ୍ଠା । ପ୍ରୌଢ଼ ବ୍ୟକ୍ତିମାନେ ପାଠଚକ୍ର ଦ୍ୱାରା ଅତିମାନସ ସତ୍ୟ ବିଷୟରେ ସଚେତ ହୋଇପାରିବେ ଏବଂ ଗ୍ରହଣ କରିପାରିବେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ବାଳକବାଳିକା, ସେମାନଙ୍କ ମାତାପିତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଜୀବନ ଉନ୍ନତ ହେବ । ଗୃହତ୍ୟାଗୀ ସାଧକମାନଙ୍କ ଜୀବନର ସର୍ବାଙ୍ଗୀନ ବିକାଶ ସକାଶେ ସାଧନାଳୟ । ଏହିପ୍ରକାର ସଂସ୍ଥା ଦ୍ୱାରା ସମାଜର ସବୁ ଶ୍ରେଣୀର ବ୍ୟକ୍ତି ମଧ୍ୟରୁ କେତେକ ବ୍ୟକ୍ତି ଅତିମାନସ ସତ୍ୟକୁ ଗ୍ରହଣ କରିବାର ସୁଯୋଗ ପାଇ ପାରିବେ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ଏହି ସତ୍ୟ ଅଧିକ ବ୍ୟାପକଭାବେ ପ୍ରସାର ହୋଇପାରିବ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ହେବେ ସାଧକ ଏବଂ ସାଧିକା । ସେମାନଙ୍କ କାର୍ଯ୍ୟ ବେତନ ନେବା ସକାଶେ ସ୍କୁଲରେ ହାଜିରା ପକାଇବା ହେବ ନାହିଁ । ସେମାନଙ୍କ ଶିକ୍ଷା ଦେବା କାର୍ଯ୍ୟ ହେବ ନିଜ ଜୀବନରେ ଭଗବତ୍ ପ୍ରାପ୍ତି କରିବାର ଉପାୟ ବା ସାଧନା । ସେମାନେ ହେବେ ଅଧ୍ୟାତ୍ମ ବିଦ୍ୟାଶିକ୍ଷାର ଛାତ୍ରଛାତ୍ରୀ । ସେହିମାନଙ୍କର ଅଧ୍ୟାତ୍ମ ସାଧନାର ବାତାବରଣର ପ୍ରଭାବ ପଡ଼ିବ ଛାତ୍ରଛାତ୍ରୀ ତଥା ସେମାନଙ୍କ ପିତାମାତାଙ୍କ ଉପରେ । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଅଧ୍ୟାତ୍ମ ମନୋଭାବ ଯେତେ ଅଧିକ ହେବ ଛାତ୍ରଛାତ୍ରୀମାନେ ଜ୍ଞାତ ବା ଅଜ୍ଞାତରେ ସେତେ ଅଧିକ ଅଧ୍ୟାତ୍ମ ପ୍ରଭାବ ଗ୍ରହଣ କରିବେ । ସେମାନଙ୍କ ଗ୍ରହଣ ଦ୍ୱାରା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟାତ୍ମ ବାତାବରଣ ସୃଷ୍ଟି ହେବ । ତଦ୍ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟମାନଙ୍କର ବି ଲାଭ ହେବ । ଛାତ୍ରଛାତ୍ରୀମାନଙ୍କର ଆଧାରରେ ଅତିମାନସ ସତ୍ୟର ପ୍ରଭାବରେ ସେମାନଙ୍କର ଉତ୍ତମ ସଂସ୍କାର ବୀଜରୂପେ ପ୍ରତିଷ୍ଠିତ ହେବ ଏବଂ ସେମାନଙ୍କର ମନ-ପ୍ରାଣ-ଶରୀର ତଥା ଆତ୍ମାର ସର୍ବାଙ୍ଗୀନ ବିକାଶ ହେବାର ସୁଯୋଗ ମିଳିବ । ଅତିମାନସ ଶକ୍ତିର ପ୍ରଭାବରେ ସେମାନଙ୍କର ସୁନ୍ଦର ଚରିତ୍ର ଗଠନ ହେବ । ମନ-ବୁଦ୍ଧିରେ ପଡ଼ିଥିବା ଅଜ୍ଞାନତାର ଘନ ଆବରଣ କ୍ରମଶଃ ପତଳା ହେବାକୁ ଲାଗିବ । ଅର୍ଥାତ୍, ବାଲ୍ୟାବସ୍ଥାରୁ ସେମାନଙ୍କର କ୍ରମଶଃ

ଦୁର୍ଗୁଣ ବୃଦ୍ଧି ନ ହୋଇ ସଦ୍‌ଗୁଣ ବିକାଶ ହେବାକୁ ଲାଗିବ ଏବଂ ଯେଉଁ ବାଳକବାଳିକା ଏହି ଅତିମାନସ ସତ୍ୟ ସମ୍ବନ୍ଧେ ସଚେତ ହୋଇ ଏହାକୁ ଗ୍ରହଣ କରିବେ ସେମାନଙ୍କ ଆଧାରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବ, ଅଜ୍ଞାନ ତଥା ପ୍ରାଣର ଦୁର୍ଗୁଣ, ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥ, କାମ, କ୍ରୋଧ ଇତ୍ୟାଦି ରିପୁଗଣଙ୍କୁ କ୍ରମଶଃ ରୂପାନ୍ତର କରି ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ଅନ୍ୟର ହିତ ଇତ୍ୟାଦି ସଦ୍‌ଗୁଣରେ ପରିଣତ କରିବ । ସେମାନଙ୍କର ମନ, ବୁଦ୍ଧି ଏବଂ ପ୍ରାଣ କ୍ରମଶଃ ଶୁଦ୍ଧ, ପବିତ୍ର ହେବାରୁ ସେମାନେ ଅନ୍ୟର ମଙ୍ଗଳ କାମନା କରିବେ ଏବଂ କାର୍ଯ୍ୟରେ ମଧ୍ୟ ପରିଣତ କରିବେ । ସେହିମାନଙ୍କର ମନ-ପ୍ରାଣ-ଶରୀରର ହେବ ସର୍ବାଙ୍ଗୀନ ବିକାଶ ତଥା ଦିବ୍ୟତତ୍ତ୍ୱରେ ରୂପାନ୍ତର । ଏହିପରି ବ୍ୟକ୍ତି ହେବେ ଅତିମାନବ, ଆଗମନୀ ଅତିମାନସ ସତ୍ୟଯୁଗର ଅଗ୍ରଦୂତ । ଏହିମାନଙ୍କ ଦ୍ୱାରା ନିଜର, ପରିବାର, ଦେଶ ତଥା ଜଗତର ଯଥାର୍ଥ ହିତ ସାଧନ ହେବ । ବର୍ତ୍ତମାନ ଦେଶରେ ଯେଉଁ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ ପ୍ରବଳଭାବେ କ୍ରିୟାଶୀଳ ହୋଇଅଛି, ଏସବୁ ଦୂର ହେବ ଅତିମାନସ ସତ୍ୟକୁ ଗ୍ରହଣ କରିବା ଦ୍ୱାରା । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ ।

ଆମ୍ଭେମାନେ ଅର୍ଦ୍ଧଜ୍ଞାନ ମନବିଶିଷ୍ଟ ମାନବ-ସଂସ୍କାର ନେଇ ଜନ୍ମଗ୍ରହଣ କରିଅଛୁ, ସେହି ବାତାବରଣରେ ପାଳନ ପୋଷଣ ହୋଇଅଛୁ, ସେହିପରି ଶିକ୍ଷା ମଧ୍ୟ ପାଇଅଛୁ । ସେହି କାରଣରୁ ଆମ୍ଭମାନଙ୍କ ମାନସିକ ଚେତନା ସଙ୍କୁଚିତ ଏବଂ ସୀମିତ ହୋଇଅଛି । ଏହି ସୀମିତତା ଯୋଗୁଁ ଉପସ୍ଥିତ ଅତିମାନସ ସତ୍ୟ ସମ୍ବନ୍ଧେ ସଚେତ ହୋଇପାରୁ ନାହୁଁ କିଂବା ତାହାରି ଦ୍ୱାରା ଏହି ଉପସ୍ଥିତ ସମସ୍ୟାର ସମାଧାନ ହେବ ବୋଲି ଭାବି ପାରୁ ନାହୁଁ । ମନ ଦ୍ୱାରା ନିର୍ଦ୍ଧାରିତ ନୈତିକତା, ଯାହା ସଂପୂର୍ଣ୍ଣରୂପେ ଭାଙ୍ଗିଯାଇଅଛି, ତାହାରି ଦ୍ୱାରା ସମସ୍ୟା ସମାଧାନ କରିବା ମରୀଚିକାରେ ଜଳ ଧାରଣା କରିବା ସଦୃଶ ଆଶା ପୋଷଣ କରୁଅଛି; ତଥା ଏହି ଆଶା ନିରାଶାରେ ପରିଣତ ହେଉଥିବା ଅନୁଭବ କରିବା ସତ୍ତ୍ୱେ ସମସ୍ୟାର ଯଥାର୍ଥ ସମାଧାନ ଖୋଜୁ ନାହୁଁ । ଏହାହିଁ ଆମ୍ଭମାନଙ୍କର ଅସୁବିଧା । ଏହି ଅସୁବିଧା ଉପସ୍ଥିତ ବାଳକବାଳିକାମାନଙ୍କ ସକାଶେ ହେବ ନାହିଁ । ସେମାନେ ସହଜରେ ଅତିମାନସ ସତ୍ୟକୁ ଗ୍ରହଣ କରିପାରିବେ । କାରଣ ବର୍ତ୍ତମାନ ଅତିମାନସ ସତ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇସାରିଛି । ତା'ରି ବାତାବରଣର ପ୍ରଭାବ ପୃଥିବୀରେ କମ୍ ପରିମାଣରେ ପଡ଼ିଲେ ମଧ୍ୟ ପ୍ରସାରିତ ହୋଇଚାଲିଛି । ଅତିମାନସର ପ୍ରଭାବ ପଡ଼ିଥିବା ଏହି ଅପରାର୍ଦ୍ଧ ମୃତ୍ୟୁପୁରୀତତ୍ତ୍ୱରୁ ଉପସ୍ଥିତ ଶିଶୁମାନଙ୍କର ଶରୀର-ମନ-ପ୍ରାଣ ଗଠନ ହୋଇଥିବାରୁ ଅତିମାନସ ସତ୍ୟଚେତନାକୁ ଗ୍ରହଣ କରିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରିଛି । ଶିଶୁମାନଙ୍କୁ ବାଲ୍ୟାବସ୍ଥାରୁ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆଗଲେ ସେମାନେ ସେହି ଶିକ୍ଷାରେ ବିକାଶ କରିଚାଲିବେ । ଏହି କାରଣରୁ ଅତିମାନସ ଦିବ୍ୟଯୁଗ ପ୍ରତିଷ୍ଠା ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ । ଏହାରି ଦ୍ୱାରା ବ୍ୟକ୍ତି, ପରିବାର, ସମାଜ ତଥା ସଂସାରର କଲ୍ୟାଣ ହେବ । ଏହି ଅତିମାନସ ସତ୍ୟ ଗ୍ରହଣ କରିବା ଛଡ଼ା ବ୍ୟକ୍ତି ପାଇଁ ଅନ୍ୟ ପନ୍ଥା ନାହିଁ ।

## ଶିକ୍ଷାର ପରିବର୍ତ୍ତନ ଏକାନ୍ତ ଆବଶ୍ୟକ

ସମୟୋପଯୋଗୀ ଶିକ୍ଷା ହେବା ଉଚିତ । ବାଲ୍ୟାବସ୍ଥାରେ ଯେଉଁ ଶିକ୍ଷା ଦିଆଯାଏ, ପ୍ରୌଢ଼ାବସ୍ଥାରେ ସେ ଶିକ୍ଷାର ପରିବର୍ତ୍ତନ ହୁଏ । ସେହିପରି ଯୁଗୋପଯୋଗୀ ଶିକ୍ଷା ହେବା ଉଚିତ । ଉପସ୍ଥିତ ଶିକ୍ଷା ବହୁତ ପୁରାତନ ଯୁଗର । ଅର୍ଥାତ୍, ମନର ବିକାଶ ନ ହୋଇଥିବା ସମୟରୁ ଏହି ଶିକ୍ଷା ଚାଲି ଆସୁଥିଲା । ବ୍ରିଟିଶ୍ ଶାସନ ସମୟରୁ ଶିକ୍ଷା ଆହୁରି ଦୂଷିତ ହୋଇଗଲା । ଶିକ୍ଷାର ଲକ୍ଷ୍ୟ ଜୀବନର ବିକାଶ ପରିବର୍ତ୍ତେ ହେଲା ଚାକିରି କରି ପଇସା ରୋଜଗାର କରିବା କିଂବା ଅଧିକାର ପ୍ରାପ୍ତ କରିବା । ଏହାହିଁ ଜୀବନର ହେଲା ପ୍ରଧାନ ଲକ୍ଷ୍ୟ । ଅଧିକାର ସମ୍ମୁଖରେ ନିଜର, ପରିବାରର, ସମାଜର ତଥା ଦେଶର ଯଥାର୍ଥ ହିତ ହେଲା ଗୌଣ ବା ନଗଣ୍ୟ । ଖୁବ୍ ଅଳ୍ପ ବ୍ୟକ୍ତିଙ୍କ ଛଡ଼ା ଅଧିକାଂଶ ବ୍ୟକ୍ତି ନିଜର ସୁଖ, ସୁବିଧା ସକାଶେ ଧନ ଏବଂ ଅଧିକାର ପ୍ରାପ୍ତ କରିବାକୁ ଚେଷ୍ଟା କରୁଅଛନ୍ତି । ତାହା ପ୍ରାପ୍ତ ହେଲେ ତାକୁ ସ୍ଥାୟୀଭାବେ ରଖିବା ସକାଶେ ସବୁପ୍ରକାର ସତ୍, ଅସତ୍ ଉପାୟ କରୁଅଛନ୍ତି । ନିଜର ଏହି ସ୍ୱାର୍ଥ ଯୋଗୁଁ ଅନ୍ୟର ସର୍ବନାଶ ତଥା ଦେଶର

ଅହିତ କରିବାକୁ ବି ପଶ୍ଚାତ୍ପଦ ହେଉ ନାହାନ୍ତି । ଏହା ହୋଇଛି ଆମ୍ଭମାନଙ୍କର ଆଦିମ ସ୍ୱାର୍ଥ ଏବଂ ଅଜ୍ଞାନ ସଂସ୍କାର ଯୋଗୁଁ । ଏହାକୁ ପରିପୁଷ୍ଟ କରୁଛି ଆଧୁନିକ ଶିକ୍ଷା । ଏହି କୁସଂସ୍କାର ଦୂର ହେବ ପ୍ରଚଳିତ ଶିକ୍ଷା ପରିବର୍ତ୍ତେ ପୂର୍ଣ୍ଣାଙ୍ଗ ଶିକ୍ଷା ମାଧ୍ୟମରେ ଅତିମାନସ ସତ୍ୟକୁ ଗ୍ରହଣ କରିବା ଦ୍ୱାରା । ଏହି ଅତିମାନସହିଁ ଆଗମନୀ ଯୁଗର ସତ୍ୟ । ସଂସାରର ସମସ୍ତ ବ୍ୟକ୍ତି ଅଜ୍ଞାତରୂପେ ଭ୍ରମ ମାର୍ଗରେ ସେହି ନୂତନ ଯୁଗ ଆଡ଼କୁ ଯାତ୍ରା କରୁଅଛନ୍ତି କିନ୍ତୁ ତା' ସମ୍ବନ୍ଧେ ସଚେତ ନ ଥିବା ଯୋଗୁଁ ଲକ୍ଷ୍ୟପ୍ରାପ୍ତିର ମାର୍ଗଭ୍ରଷ୍ଟ ହୋଇ ନାନା ପ୍ରକାର ଦୁଃଖକଷ୍ଟ ଭୋଗୁ ଅଛନ୍ତି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ଆମେ ଆମର ଯଥାର୍ଥ ଲକ୍ଷ୍ୟ ଜାଣିପାରିବା ଏବଂ ଯଥାର୍ଥ ମାର୍ଗରେ ମଧ୍ୟ ଯାତ୍ରା କରିପାରିବା । ସେ ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷା ବର୍ତ୍ତମାନ ଅବସ୍ଥାରେ ଏକାନ୍ତ ଆବଶ୍ୟକ ଏବଂ ଅପରିହାର୍ଯ୍ୟ ।

## ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ

ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ହେବେ ସାଧକ । ସେମାନେ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣିବେ, ଗ୍ରହଣ କରିବେ ଏବଂ ଆଚରଣ କରିବେ, ଯେଉଁ ଲକ୍ଷ୍ୟକୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ସୃଷ୍ଟି ଆରମ୍ଭରୁ ଆମ୍ଭେମାନେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଅଜ୍ଞାତରୂପେ ସେହି ଲକ୍ଷ୍ୟ ଆଡ଼କୁ ଭୁଲ୍‌ଭ୍ରାନ୍ତି ମାର୍ଗରେ ଯାତ୍ରା କରିଆସୁଅଛୁ । ସଂସାରର ସମସ୍ତ ବ୍ୟକ୍ତି ଦୁଃଖ, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଅଜ୍ଞାନକୁ ନ ଚାହିଁ ଦୁଃଖବିହୀନ ପରମ ସୁଖ, ମୃତ୍ୟୁବିହୀନ ଅମରତ୍ୱ, ରୋଗବିହୀନ ନୀରୋଗତ୍ୱ, ବୃଦ୍ଧତ୍ୱବିହୀନ ଚିରଯୌବନ, ଅଜ୍ଞାନବିହୀନ ପରମ ଜ୍ଞାନ ଅଜ୍ଞାତରୂପେ ଚାହିଁ ଆସୁଅଛନ୍ତି ଏବଂ ଏହାକୁ ପ୍ରାପ୍ତ କରିବା ସକାଶେ ବାଞ୍ଛିତ ଅବାଞ୍ଛିତ ସକଳ କର୍ମ ମଧ୍ୟ କରୁଅଛନ୍ତି । ଏହାହିଁ ସମସ୍ତ ବ୍ୟକ୍ତିଙ୍କର ଜୀବନର ଲକ୍ଷ୍ୟ । କିନ୍ତୁ ମନର ବିକାଶ ସମାପ୍ତ ହୋଇ ନ ଥିବା ତଥା ମନର ଊର୍ଦ୍ଧ୍ୱ ଅତିମାନସ ସତ୍ୟ ଏହି ପୃଥିବୀରେ ପ୍ରତିଷ୍ଠା ହୋଇ ନ ଥିବା ଯୋଗୁଁ ଆମ୍ଭମାନଙ୍କ ଚାହିଁବା ଆମ୍ଭମାନଙ୍କ ପାଖରେ ଅଜ୍ଞାତ ହୋଇ ରହିଥିଲା । କିନ୍ତୁ ବର୍ତ୍ତମାନ ଅତିମାନସ ଶକ୍ତି ଏହି ପୃଥିବୀରେ ରୂପାନ୍ତର କ୍ରିୟା କରୁଅଛି । ଆଦର୍ଶରୂପେ ଅତିମାନସ ଶକ୍ତି ଗ୍ରହଣ କରିବା ସାଧନାକେନ୍ଦ୍ର ଆଶ୍ରମ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ବିଦ୍ୟମାନ ଅଛି । ଆମ୍ଭେମାନେ ନିଜ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେବା ତଥା ଆଚରଣ କରିବାର ସମୟ ଆସିଅଛି ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଲକ୍ଷ୍ୟ ଗ୍ରହଣ କରିବେ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନାରୂପେ ଆନ୍ତରିକ ଆଗ୍ରହ ସହିତ ଛାତ୍ରଛାତ୍ରୀମାନଙ୍କୁ, ଶିକ୍ଷା ଦେବେ । ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ୱଭାବ ଏବଂ ବିକାଶ ଅନୁସାରେ ଯେଉଁ ପ୍ରଣାଳୀରେ ପଢ଼ି ପାରିବେ ଏବଂ ବୁଝି ପାରିବେ ସେହି ପ୍ରଣାଳୀରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ଶିକ୍ଷା ଦେବେ ଏବଂ ବୁଝାଇ ଦେବେ । ଏହି କାର୍ଯ୍ୟ ସେମାନଙ୍କର ଲକ୍ଷ୍ୟପ୍ରାପ୍ତିର ସାଧନା ହେବାରୁ କର୍ତ୍ତବ୍ୟରେ କୌଣସି ପ୍ରକାର ତ୍ରୁଟି କରିବେ ନାହିଁ । କର୍ତ୍ତବ୍ୟରେ ତ୍ରୁଟି କରିବା ଅର୍ଥ ନିଜ ସାଧନାରେ ବା ଜୀବନର ବିକାଶରେ ହାନି କରିବା । ସେମାନେ ସବୁ ସମୟରେ 'ମା' ଏହି ନାମ ସ୍ମରଣ କରିବେ ତଥା ସମସ୍ତ କର୍ମ ମା'ଙ୍କ ଚରଣରେ ସମର୍ପଣ କରିବେ । କିଛି ସମୟ ଧ୍ୟାନ କରିବେ, କିଛି ସମୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ଅଧ୍ୟୟନ କରିବେ । ଛୋଟ ଛୋଟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ସମୟରେ, ଗଳ୍ପ କହିବା ସମୟରେ, ଖେଳାଇବା ସମୟରେ କେବେ କେବେ ଉଚିତ ଅବସ୍ଥା ଦେଖି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ କରାଇ ଦେଉଥିବେ । ଛାତ୍ରଛାତ୍ରୀମାନଙ୍କୁ ଯେଉଁଥିରେ ଭୟ ହେବ ସେପରି ଆଚରଣ କଦାପି କରିବେ ନାହିଁ । ସବୁ ସମୟରେ ଏପରି ପରିବେଶ ସୃଷ୍ଟି କରିବେ ଯେପରି ସେମାନେ ପ୍ରସନ୍ନତାରେ, ଆଗ୍ରହରେ, ଉତ୍ସାହରେ ପଢ଼ିବେ ଏବଂ ଖେଳିବେ । ଭୟ ଦେଖାଇ କୌଣସି କାର୍ଯ୍ୟ କରାଇବେ ନାହିଁ । ଧମକେଇବା, ମାରିବା ଧାରଣା ବି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନରେ କେବେ ଆସିବା ଉଚିତ ନୁହେଁ । ଏହି ପ୍ରକାର ଆଚରଣ କରିବାହିଁ ହେବ ସେମାନଙ୍କର ସାଧନା ।

ପ୍ରଥମରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର କର୍ତ୍ତବ୍ୟରେ ତ୍ରୁଟି ରହିପାରେ । କିନ୍ତୁ ଉପରୋକ୍ତ ଲକ୍ଷ୍ୟ ରଖି କାର୍ଯ୍ୟ କଲେ

କ୍ରମଶଃ ତ୍ରୁଟି ଦୂର ହୋଇଯାଏ । ସାଧକର ସାଧନାର ପ୍ରଥମ ଅବସ୍ଥାରେ ଯେପରି ବହୁତ ତ୍ରୁଟି ଥାଏ, କିନ୍ତୁ ଆନ୍ତରିକତା ସହ ସାଧନା ମାର୍ଗରେ ଗତି କଲେ କ୍ରମଶଃ ତ୍ରୁଟିସବୁର ସଂଶୋଧନ ହୁଏ, ଠିକ୍ ସେହିପରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଶିକ୍ଷାକର୍ମ ସାଧନା ।

ଏହିପରି ଆଚରଣ ଛାତ୍ରଛାତ୍ରୀମାନଙ୍କ ପିତାମାତାମାନେ କରିବା ଉଚିତ । ସେମାନେ ଯଦି ନିଜେ ସୁଖ, ଶାନ୍ତି, ଆନନ୍ଦରେ ରହିବାକୁ ଚାହାନ୍ତି ଏବଂ ନିଜ ସନ୍ତାନମାନଙ୍କର ଉନ୍ନତି, ଉତ୍ତମ ଗୁଣ ଚାହାନ୍ତି ତଥା ସମାଜରେ ସେମାନେ ଆଦର୍ଶ ମାନବ ହେବାର ଆଶା ରଖନ୍ତି ତେବେ ନିଜ ଗୃହରେ ପ୍ରଥମେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା କରନ୍ତୁ । ଘରର ସମସ୍ତ କର୍ମ ନିୟମିତରୂପେ ଶୃଙ୍ଖଳିତଭାବେ କରନ୍ତୁ । ପରିବାର ମଧ୍ୟରେ ଏବଂ ପତି ପତ୍ନୀ ମଧ୍ୟରେ ପ୍ରତିବାଦ କିଂବା ଝଗଡ଼ା କରନ୍ତୁ ନାହିଁ । ଘର, ପରିବାର ତଥା ନିଜେ ଭଗବାନଙ୍କର ବୋଲି ମନେକରି ମା'ଙ୍କ ସେବା ଭାବରେ ନିଜ ସକାଶେ, ପରିବାର ସକାଶେ କରିବା ସମସ୍ତ କର୍ମକୁ ମା'ଙ୍କ ଚରଣରେ ସମର୍ପଣ କରନ୍ତୁ । 'ମା' ଏହି ନାମ ସ୍ମରଣ କରନ୍ତୁ । ଏହିପରି ଆଚରଣ କଲେ ଗୃହରେ ଉତ୍ତମ ବାତାବରଣ ସୃଷ୍ଟି ହୁଏ । ଗୃହ, ସମସ୍ତ ପରିବାର ତଥା ନିଜ ଶିଶୁସନ୍ତାନମାନଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼େ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ଶିକ୍ଷାର ଯେଉଁ ଉତ୍ତମ ପ୍ରଭାବ ପଡ଼ିଥାଏ ତାହା ନଷ୍ଟ ହୁଏ ନାହିଁ ବରଂ ବୃଦ୍ଧି ହୁଏ । ଏହିପରି ଗୃହର ଉତ୍ତମ ବାତାବରଣ ପଡ଼ୋଶୀ ତଥା ଅନ୍ୟାନ୍ୟ ସଂପର୍କୀୟ ବ୍ୟକ୍ତିଙ୍କ ଉପରେ ପଡ଼େ ।

## ବିବାଦ ନ ହେବାର ଉପାୟ

ବିବାଦ, ପ୍ରତିବାଦ, ଝଗଡ଼ା ହୁଏ ଅହଂ ଏବଂ ସ୍ୱାର୍ଥ ଯୋଗୁଁ । ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ । ଗଛର ଦୁଇଟି ପତ୍ର ଯେପରି ସମାନ ନୁହନ୍ତି, ସେହିପରି ଦୁଇ ଜଣଙ୍କ ସ୍ୱଭାବ, ବିଚାର, ଧାରଣା, ଆଚରଣ ସମାନ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଅହଂ, ସ୍ୱାର୍ଥ ଥିବାରୁ ଏବଂ ସ୍ୱଭାବ ଭିନ୍ନ ହୋଇଥିବାରୁ ପତିର ବିଚାର ପତ୍ନୀ ସହିତ, ପିତାର ବିଚାର ପୁତ୍ର ସହିତ, ମାତାର ବିଚାର ଝିଅ ସହିତ ମିଳେ ନାହିଁ । ଜଣଙ୍କର ଆଚରଣ, ବ୍ୟବହାର ଅନ୍ୟକୁ ପ୍ରତିକୂଳ ହୁଏ । ପ୍ରତ୍ୟେକ ବ୍ୟକ୍ତିର ଧାରଣା – ନିଜର ବିଚାର ଠିକ୍, ଅନ୍ୟର ଭୁଲ୍ । ଜଣେ ଗୋଟିଏ କଥା କହିଲେ ଅନ୍ୟ ଜଣେ ସଙ୍ଗେ ସଙ୍ଗେ ପ୍ରତିବାଦ କରେ । ଏହିପରି ପ୍ରତିବାଦ ବଢ଼ିଲେ ପରେ ଝଗଡ଼ା ହୁଏ । ଝଗଡ଼ା କରିବା ଦୁଇ ବ୍ୟକ୍ତିଙ୍କ ଅଶାନ୍ତିର ପ୍ରଭାବ ସମସ୍ତ ଗୃହର ବାତାବରଣକୁ ନଷ୍ଟ କରେ । ଏଥିରେ ନିଜର ପରିବାର ତଥା ସନ୍ତାନମାନଙ୍କ ଉତ୍ତମ ଚରିତ୍ର ଗଠନରେ ବହୁତ ବାଧା ପଡ଼େ ।

ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ ସ୍ୱଭାବ ହେବା ସତ୍ତ୍ୱେ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରଖିବାର ଉପାୟ ହେଲା – ଜଣକ ବିଚାର ଯଦି ଠିକ୍ ନୁହେଁ ବୋଲି ଭାବୁଛି ତେବେ ସେ ବ୍ୟକ୍ତି କହିବା ସମୟରେ ନୀରବ ରୁହ, ପ୍ରତିବାଦ କର ନାହିଁ କିଂବା ଅନ୍ତରରେ ତା' ପ୍ରତି ଦ୍ୱେଷ, ଈର୍ଷା ରଖ ନାହିଁ । ଅନୁକୂଳ ପରିସ୍ଥିତିକୁ ଅପେକ୍ଷା କର । ଯେତେବେଳେ ସେ ବ୍ୟକ୍ତି ଶାନ୍ତ, ପ୍ରସନ୍ନ ଅବସ୍ଥାରେ ଥିବେ ଏବଂ ତୁମ କହିବାକୁ ସେ ପ୍ରସନ୍ନତା ସହ ଗ୍ରହଣ କରିବେ, ସେହି ସମୟରେ ତୁମ ବିଚାର ବ୍ୟକ୍ତ କଲେ ସେ ବ୍ୟକ୍ତି ସହଜରେ ଗ୍ରହଣ କରିବେ ଏବଂ ପ୍ରତିବାଦ କରିବେ ନାହିଁ । କିନ୍ତୁ ନିଜ ଭିତରେ ଈର୍ଷା, ବିରୋଧ ନ ଥିବ, ଥିବ ଶାନ୍ତ, ପ୍ରସନ୍ନତାର ଅବସ୍ଥା । ଏହିପରି ଆଚରଣ, ବ୍ୟବହାର କଲେ ଭବିଷ୍ୟତରେ ନିଜ ନିଜ ମଧ୍ୟରେ ଝଗଡ଼ା ହେବ ନାହିଁ । ଅନ୍ୟମାନେ ମଧ୍ୟ ଏହିପରି ଆଚରଣ କରିବାକୁ ଶିଖିବେ ।

ଏହିରୂପେ ପରସ୍ପର ମଧ୍ୟରେ ବ୍ୟବହାର କଲେ ପତି-ପତ୍ନୀ, ପିତା-ପୁତ୍ର, ଶାଶୂ-ବୋହୂ, ଭାଇ-ଭାଇ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ବୃଦ୍ଧି ହେବ ଏବଂ କ୍ରମଶଃ ଆମ୍ଭେମାନେ ଅଧ୍ୟାତ୍ମ ମାର୍ଗରେ ଗତି କରିବା ତଥା ଅନ୍ତରାତ୍ମାର ଚେତନାରେ ବାସ କରିବାକୁ ଆରମ୍ଭ କରିବା । ଗୃହରେ ରହି ଏହି ପ୍ରକାର ଆଚରଣ କଲେ ଆମ୍ଭେମାନେ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଉଥିବା । ଏଥିରେ ନିଜର ପରିବାର, ସନ୍ତାନସନ୍ତତି ତଥା ସଂସାରର ମଙ୍ଗଳ,

ଜୀବନର ଉନ୍ନତି ଏବଂ ଜୀବନର ସାର୍ଥକତା ଲାଭ ହେବ । ଏହି ଆଚରଣ ଆମ୍ଭେମାନେ ଗ୍ରହଣ କରିପାରିବା ପୂର୍ଣ୍ଣାଙ୍ଗ ଶିକ୍ଷା ମାଧମରେ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା, ପରିବାର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନର ପୂର୍ଣ୍ଣତା ଏବଂ ଲକ୍ଷ୍ୟର ସିଦ୍ଧି ହୁଏ । ଏହି କାରଣରୁ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାନ୍ତ ଆବଶ୍ୟକ ।

## ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା

ପୂର୍ବେ କୁହା ହୋଇଛି ଓଡ଼ିଶାରେ ମା'ଙ୍କର ଯେଉଁ କାର୍ଯ୍ୟ ହୋଇଛି, ତାହା ସବୁ ହୋଇଛି ସ୍ୱତଃସ୍ଫୂର୍ତ୍ତଭାବେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ସମ୍ବନ୍ଧେ ସେହି ସମାନ ଉକ୍ତି । କୌଣସି ବ୍ୟକ୍ତି ପୂର୍ବରୁ କୌଣସି ପ୍ରଣାଳୀ ନିର୍ଦ୍ଧାରିତ କରି ନ ଥିଲେ ।

୧୯୭୦ ମସିହା ଫେବ୍ରୁଆରି ଦର୍ଶନକୁ ଆସିଥିଲେ ଶ୍ରୀ ସୁନୀଲ ବିହାରୀ ମହାନ୍ତି ଏବଂ ରାମନାଥ ପଣ୍ଡା । ଅନ୍ୟ ବିଷୟରେ ପ୍ରପତ୍ତିଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ ବ୍ୟକ୍ତ କଲେ ଏବଂ ପ୍ରପତ୍ତିଙ୍କ ସମ୍ମତିରେ ଚିଠି ଲେଖି ମା'ଙ୍କଠାରୁ ଆଶୀର୍ବାଦ ନେଇଗଲେ । ଅନ୍ୟାନ୍ୟ ଅସୁବିଧା ଯୋଗୁଁ ସଙ୍ଗେ ସଙ୍ଗେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇ ପାରିଲା ନାହିଁ । ହେଲା ୧୯୭୦ ଜୁଲାଇ ତା୧୫ରିଖରେ । ପ୍ରତିଷ୍ଠା ସମୟରେ ଡକ୍‌ଟର ରଘୁନାଥ ପାଣି, ପଞ୍ଚାନନ ମହାନ୍ତି ତଥା ଅନ୍ୟମାନେ ସହଯୋଗ କରିଥିଲେ । କିନ୍ତୁ ବିପିନବିହାରୀ ପଟ୍ଟନାୟକ ତଥା ତାଙ୍କର ଧର୍ମପତ୍ନୀ ପ୍ରୀତି ପଟ୍ଟନାୟକ ପ୍ରାଣପଣେ ଅକ୍ଳାନ୍ତ ପରିଶ୍ରମ କରିବା ଯୋଗୁଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟି ଗଢ଼ି ଉଠିଲା । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଲା ଓଡ଼ିଶାରେ ସର୍ବପ୍ରଥମ ।

କୌଣସି ଉତ୍ତମ କାର୍ଯ୍ୟ ହେଲେ ପ୍ରଥମରେ ବାଧାବିଘ୍ନ ବହୁତ ଆସେ । ଏହି କାର୍ଯ୍ୟରେ ମଧ ବାଧାବିଘ୍ନ ବହୁତ ଆସିଲା । ପ୍ରପତ୍ତିଙ୍କ ସହିତ ମା'ଙ୍କର ଅନ୍ୟାନ୍ୟ ଭକ୍ତଙ୍କ ସହଯୋଗ, ପ୍ରଯତ୍ନ ଏବଂ ଶ୍ରମ ଯୋଗୁଁ ବାଧାବିଘ୍ନ ଦୂର ହେଲା ଏବଂ ଏହିମାନଙ୍କ ସହଯୋଗରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିକାଶ ହେବାକୁ ଲାଗିଲା । ଆଜି ଏହା ଉଚ୍ଚ ଇଂରାଜୀ ସ୍କୁଲ ସମକକ୍ଷରେ ଉପନୀତ ହୋଇଅଛି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟି ଓଡ଼ିଶାରେ ସର୍ବପ୍ରଥମ ହେବା ସତ୍ତ୍ୱେ ଆଦର୍ଶ ମଧ ।

ଏହାପରେ ଅନ୍ୟମାନଙ୍କ ସହଯୋଗରେ ବୀରବର ସାହୁଙ୍କ ଐକାନ୍ତିକ ପରିଶ୍ରମ ଓ ଅର୍ଥବ୍ୟୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଲା ଗୋପୀନାଥପୁରରେ । କେତେକ ମାତୃଭକ୍ତଙ୍କ ସହଯୋଗରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସାହସ, ଧୈର୍ଯ୍ୟ, ତ୍ୟାଗ, ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ପୁରୀରେ ଶ୍ରୀଅରବିନ୍ଦ ଧାମରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍ଥାପନ ହେଲା । ଜଗବନ୍ଧୁ ଦାସଙ୍କ ପ୍ରଯତ୍ନରେ ରାଉରକେଲାରେ, ରମେଶ ମହାପାତ୍ରଙ୍କ ଦ୍ୱାରା ଭୁବନେଶ୍ୱର ଆଚାର୍ଯ୍ୟବିହାରରେ, ଗୋବିନ୍ଦଚନ୍ଦ୍ର ନାଏକଙ୍କ ଅଦମ୍ୟ ପରିଶ୍ରମ ଯୋଗୁଁ କେନ୍ଦୁଝର ଜିଲାର ତେନ୍ତୁଳିନଣ୍ଡାରେ, ଗଦାଧର ଓ ପ୍ରସାଦଙ୍କ ସହିତ ମା'ଙ୍କର ଅନ୍ୟଭକ୍ତବୃନ୍ଦଙ୍କ ସହଯୋଗରେ କଟକର ମାତୃଭବନରେ, ରମେଶ ତଥା ଶାରଦାପ୍ରସନ୍ନଙ୍କ ପରିଶ୍ରମରେ ଗନାଇଲୋରେ, ନିର୍ମଳ ଷଡ଼ଙ୍ଗୀ ସହିତ ଅନ୍ୟ ମାତୃଭକ୍ତଙ୍କ ପ୍ରଯତ୍ନରେ ବାରିପଦାରେ ଏବଂ ସମ୍ବଲପୁର ପାଠଚକ୍ର ସଦସ୍ୟମାନଙ୍କ ଉଦ୍‌ଯୋଗରେ ସମ୍ବଲପୁରରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଢ଼ିଉଠିଲା । ଏହିସବୁ ଶିକ୍ଷାକେନ୍ଦ୍ର ହେଉଛି ପ୍ରଥମ ପର୍ଯ୍ୟାୟର । ତା'ପରେ ବହୁ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଢ଼ିଉଠୁଛି ଏବଂ ବହୁ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେବା ସକାଶେ ପ୍ରଯତ୍ନ ମଧ କରାହେଉଛି ।

ପାଠଚକ୍ର ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ସହଜ ନୁହେଁ । ଏଥିରେ ବହୁତ ପ୍ରକାର ବାଧାବିଘ୍ନ ଏବଂ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ । ବ୍ୟବସ୍ଥାପକଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ହୁଏ । ଅଧ୍ୟାତ୍ମ ଅତିମାନସର ସତ୍ୟ ଗ୍ରହଣ କରିଥିବା ଏବଂ ଆନ୍ତରିକତା ସହ ସାଧନା ମନୋଭାବରେ ଶିକ୍ଷା ଦେବା ଭଳି ଉତ୍ସାହୀ ଶିକ୍ଷକ ଆବଶ୍ୟକ । ଶିକ୍ଷକମାନଙ୍କର ଭୋଜନ ତଥା ବସ୍ତ୍ରାଦି ସକାଶେ ଏବଂ ସ୍କୁଲ୍ ପରିଚାଳନା ସକାଶେ ଅର୍ଥର ପ୍ରୟୋଜନ । ଶିକ୍ଷାର ପ୍ରଣାଳୀ ନୂତନ ହେବା ଯୋଗୁଁ ଶିକ୍ଷକମାନଙ୍କର ଟ୍ରେନିଂ ଆବଶ୍ୟକ । ଏହାଛଡ଼ା ଏହି ଶିକ୍ଷାପ୍ରଣାଳୀ ନୂତନ ହୋଇଥିବାରୁ

ଏଥିରେ ବିରୋଧ ହେବା ସ୍ୱାଭାବିକ । କାରଣ, ପୁରାତନ ପ୍ରଣାଳୀ ଅପେକ୍ଷା ନୂତନ ପ୍ରଣାଳୀ ଯେତେ ମହତ୍ତ୍ୱପୂର୍ଣ୍ଣ ହେଲେ ମଧ ପୁରାତନ ପ୍ରଣାଳୀ ଛାଡ଼ି ନୂତନ ପ୍ରଣାଳୀ ଗ୍ରହଣ କରିବା ବ୍ୟକ୍ତିସ୍ୱଭାବର ବିପରୀତ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏହିସବୁ ସମସ୍ୟା ।

ପ୍ରପତ୍ତି ଓ ତାଙ୍କର ସହଯୋଗୀ ବନ୍ଧୁମାନେ ନାନା ଅସୁବିଧା ଓ ବାଧାବିଘ୍ନର ସମ୍ମୁଖୀନ ତଥା ସବୁପ୍ରକାର ସମସ୍ୟାର ସମାଧାନ ସକାଶେ ଆପ୍ରାଣ ଚେଷ୍ଟା କରି ଆସୁଅଛନ୍ତି – ନୂତନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କୁ ଉପଯୁକ୍ତ ଶିକ୍ଷକ ଯୋଗାଇବା ଏବଂ ଶିକ୍ଷକମାନଙ୍କର ଟ୍ରେନିଂର ବ୍ୟବସ୍ଥା କରିବା, ଅଳ୍ପ ଦିନ ଅନ୍ତରରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କୁ ଯାଇ ସେଠାରେ ଉପୁଜିଥିବା ସମସ୍ୟାର ସମାଧାନ କରିବା, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା, ଉତ୍ସାହୀ ବ୍ୟବସ୍ଥାପକମାନଙ୍କୁ ଉଚିତ ପରାମର୍ଶ ଦେବା ତଥା ଶିକ୍ଷକମାନଙ୍କ ଖର୍ଚ୍ଚ ଏବଂ ସ୍କୁଲ୍ ପରିଚାଳନାର ଆବଶ୍ୟକ ବ୍ୟୟ ସକାଶେ ପ୍ରଯତ୍ନ କରି ଆସୁଅଛନ୍ତି । ତାଙ୍କର ଏହି କାର୍ଯ୍ୟରେ ସହଯୋଗ କରୁଅଛନ୍ତି ସ୍କୁଲର ପରିଚାଳକ ଏବଂ ଶିକ୍ଷକ ତଥା ମା'ଙ୍କର ଉତ୍ସାହୀ ଭକ୍ତ ଓ ସାଧକଗଣ ।

ମା'ଙ୍କର ଭକ୍ତ ଓ ସାଧକମାନଙ୍କ ଆନ୍ତରିକ ଉତ୍ସାହ, ସହଯୋଗ ଓ ପ୍ରଯତ୍ନ ଯୋଗୁଁ ଅଳ୍ପ ଦିନ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧୫ ।୨୦ଟି ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇସାରିଛି । ବହୁତ ସ୍ଥାନରେ ମଧ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ସକାଶେ ତୟାରି ଚାଲିଛି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯେତେ ଅଧିକ ପ୍ରତିଷ୍ଠା ହେବ ସେତେ ଅଧ୍ୟାତ୍ମ ବାତାବରଣ ସୃଷ୍ଟି ହେବ ତଥା ସେହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ରୂପାନ୍ତରିତ ହେବାକୁ ଲାଗିବ ।